ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1116/25-01-2021**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୨୫ ଜାନୁଆରୀ,୨୦୨୧**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମାନ୍ୟବର କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରତାପ ଷଡଙ୍ଗୀଙ୍କ ସମେତ ହାଇକୋର୍ଟର ବିଚାରପତି, ସମସ୍ତ ମନ୍ତ୍ରୀ, ସମସ୍ତ ସାଂସଦ ଏବଂ ବିଧାୟକମାନଙ୍କୁ ସେମାନେ ପଢ଼ିଥିବା ବିଦ୍ୟାଳୟ ବା ପସନ୍ଦର ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ ପତ୍ରଲେଖି ଅନୁରୋଧ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ସ୍କୁଲ ସହିତ ଆମ ସମସ୍ତଙ୍କର ଭାବଗତ ବନ୍ଧନ ରହିଛି ବୋଲି ଉଲ୍ଲେଖ କରି ଏହାର ରୂପାନ୍ତରରେ ସାମିଲ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମରେ ଦେଶବିଦେଶର ବହୁ ଓଡ଼ିଆ ସାମିଲ ହୋଇ ସେମାନେ ପଢ଼ିଥିବା ବିଦ୍ୟାଳୟର କାୟାକଳ୍ପରେ ସାମିଲ ହୋଇଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ପତ୍ରରେ କହିଛନ୍ତି ଯେ ରାଜ୍ୟ ସରକାରଙ୍କ 'ମୋ ସ୍କୁଲ' କାର୍ଯ୍ୟକ୍ରମ ଆପଣଙ୍କର ପ୍ରିୟ ବିଦ୍ୟାଳୟ ପାଇଁ କିଛି କରିବାର ସୁଯୋଗ ସୃଷ୍ଟି କରିଛି । ଉଦାର ହୃଦୟରେ ନିଜର ପ୍ରିୟ ବିଦ୍ୟାଳୟର ରୂପାନ୍ତର ପାଇଁ ସୁଯୋଗ ସୃଷ୍ଟି କରିପାରିବେ ବୋଲି ଉଲ୍ଲେଖ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ବିଦ୍ୟାଳୟଗୁଡ଼ିକୁ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଜାତୀୟ ମତଦାତା ଦିବସ ଅବସରରେ କହିଛନ୍ତି ଯେ ସାର୍ବଜନିକ ବୟସ୍କ ମତାଧିକାର ଏକ ସାମ୍ବିଧାନିକ ଅଧିକାର, ଯାହା ଧର୍ମ, ବର୍ଣ୍ଣ, ଜାତି ଓ ସାମାଜିକ-ଅର୍ଥନୈତିକ ବାଛବିଚାର ବିନା ପ୍ରତ୍ୟେକ ନାଗରିକଙ୍କ ପାଇଁ ସୁନିଶ୍ଚିତ କରାଯାଇଛି । ଆମ ଗଣତନ୍ତ୍ରକୁ ସୁଦୃଢ଼ କରିବା ନିମନ୍ତେ ମତଦାନ ଆମର ଦାୟିତ୍ୱ ବୋଲି ଉଲ୍ଲେଖ କରି ପ୍ରତ୍ୟେକ ମତଦାତାମାନଙ୍କୁ ସଶକ୍ତ, ଜାଗରୂକ ଏବଂ ସଚେତନ କରାଇବା ପାଇଁ ସେ ଆହ୍ୱାନ ଦେଇଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଜାତୀୟ ପର୍ଯ୍ୟଟନ ଦିବସ ଅବସରରେ କହିଛନ୍ତି ଯେ ଓଡ଼ିଶାର ମନମୁଗ୍ଧକର ପର୍ଯ୍ୟଟନସ୍ଥଳିର ସାରଣୀ, ରମଣୀୟ ପ୍ରାକୃତିକ ସୌନ୍ଦର୍ଯ୍ୟ, ମନୋରମ ପରିଦୃଶ୍ୟ, ସମୃଦ୍ଧ ଐତିହ୍ୟ, ବିବିଧତାପୂର୍ଣ୍ଣ କାନନଗୁଡ଼ିକ ପ୍ରତ୍ୟେକ ପର୍ଯ୍ୟଟକଙ୍କ ପାଇଁ ଆନନ୍ଦପ୍ରଦ । ମହାମାରୀ ପରବର୍ତ୍ତୀ ବିଶ୍ୱରେ ପର୍ଯ୍ୟଟନର ପର୍ଯ୍ୟାପ୍ତ ସମ୍ଭାବନାକୁ ଉନ୍ମୁକ୍ତ କରିବା ନିମନ୍ତେ ପ୍ରତିବଦ୍ଧତାକୁ ସେ ଦୋହରାଇଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- মান্যবর মুখ্যমন্ত্রী কহিছন্তি যে ব্যাপক সচেতনতা অভিযান,  কুশল পরিচালনা এবং প্রভাবী টীকাকরণ রণনীতি যোগুঁ সমগ্র দেশরে ওড়িশা টীকাকরণ ক্ষেত্ররে শ্রেষ্ঠত্ব হাসল করিপারিছি । শত প্রতিশতরু অধিক কোভিড্-১৯ টীকাকরণ লক্ষ্য হাসল করিথিবা রাজ্যমানঙ্ক মধ্যরে ওড়িশা স্থান পাইছি বোলি সে কহিছন্তি ।

- মান্যবর মুখ্যমন্ত্রী মহিলা ও শিশুমানঙ্ক বিরুদ্ধরে অপরাধকু অধিক দক্ষ ভাবে নিয়ন্ত্রণ করিবা উদ্দেশ্যরে ওড়িশা পোলিসর স্বতন্ত্র শাখা পাইঁ ৬২টি নূতন পদবীকু অনুমোদন দেইছন্তি । জণে মহানিরীক্ষক স্তরর অধিকারী এহি শাখার মুখ্য হেবে যেতেবেলে কি ৬০ জণ পোলিস কর্মচারী এবং জণে সাইবর ফোরেন্সিক্ এবং জণে আইটি বিশেষজ্ঞ নিযুক্তি পাইবে বোলি সে কহিছন্তি ।

- মান্যবর মুখ্যমন্ত্রী পূর্বতন বিধায়ক সুরেন্দ্রনাথ মিশ্রঙ্ক দেহান্তরে দুঃখ প্রকাশ করিছন্তি । জনপ্রতিনিধি ভাবে নিজর কল্যাণকারী কার্য্য পাইঁ সে লোকঙ্ক হৃদয়রে স্মরণীয় রহিবে বোলি উল্লেখ করি মান্যবর মুখ্যমন্ত্রী তাঙ্ক অমর আত্মার সদ্‌গতি কামনা করিবা সহ শোকসন্তপ্ত পরিবারবর্গঙ্ক প্রতি সমবেদনা জ্ঞাপন করিছন্তি ।

- মান্যবর মুখ্যমন্ত্রী শৈক্ষিক সফলতা পাইঁ ওড়িশার অন্বেষ শুভম্ প্রধান 'প্রধানমন্ত্রী রাষ্ট্রীয় বাল পুরস্কার ২০২১' লাভ করিথিবারু তাঙ্কু অভিনন্দন জণাইছন্তি । মান্যবর মুখ্যমন্ত্রী তাঙ্কর উজ্জ্বল ভবিষ্যত কামনা করিছন্তি ।

**সর্বশেষ স্বাস্থ্য সূচনা**

- গতকালি মধ্যরাত্রি সুদ্ধা ওড়িশারে ৭৫,৬৮,২১৬ টি নমুনা কোভিড্-১৯ পরীক্ষা করাযাইছি ।
- বর্ত্তমান সুদ্ধা সমুদায় ৩,৩৪,৪৩০ জণ পজিটিভ্ চিহ্নট হোইছন্তি ।
- ৩,৩১,১৪৪ জণ রোগী সংপূর্ণ্ণ সুস্থ হোইছন্তি/ডাক্তরখানারু ফেরিছন্তি ।
- ১৯০৬ জণ কোভিড্-১৯ রোগীঙ্কর মৃত্যু হোইছি ।
- সক্রিয় থিবা সংক্রমিতঙ্ক সংখ্যা ১,৩২৭ রহিছি ।
- ১,৩২৭ জণ হস্পিটাল্ আইসোলেসন্‌রে রহিছন্তি ।

পঠাণি রাউত
সূচনা অধিকারী

**'মাস্ক পিন্ধন্তু, সুরক্ষিত রুহন্তু'**